ପ୍ରମେୟ
THE PRAMEYA

‘ମହାଭାରତ’ର ଆଞ୍ଚଳିକ ବିବିଧତା କର୍ମଶାଳା

# ଆଞ୍ଚଳିକ ଭାଷାରେ ମହାଭାରତ ଲୋକ ସଂସ୍କୃତିରେ ପରିପୁଷ୍ଟ’

ପୁରୀ,୨୯ (ବ୍ୟୁରୋ): ମହାଭାରତ ଓ ରାମାୟଣ ସହ ଦେଶର ଜନଜୀବନ, ପରମ୍ପରା, ଜୀବନ ଶୈଳୀ ଜଡିତ। ମହାଭାରତ ତଥା ରାମାୟଣ ରଚନା କାଳରେ ତତ୍କାଳୀନ ସାମାଜିକ ବ୍ୟବସ୍ଥାର ଚିତ୍ର ବି ରହିଛି। ବିଶେଷ କରି ସଂସ୍କୃତ ମହାଭାରତକୁ ମୁଖ୍ୟତଃ ଆଦି ଗ୍ରନ୍ଥ ରୂପେ ବିଚାର କରାଯାଉଛି। ଦେଶର ବିଭିନ୍ନ ପ୍ରାନ୍ତରେ ଆଞ୍ଚଳିକ ଭାଷାରେ ରଚିତ ମହାଭାରତରେ ଆଞ୍ଚଳିକ ପରମ୍ପରା, ଜୀବନଯାପନ, ସଂସ୍କୃତି ଆଦିର ଜୀବନ୍ତ ଚିତ୍ର ଦେଖିବାକୁ ମିଳିଛି। ଆଞ୍ଚଳିକ ଭାଷାରେ ରଚିତ ମହାଭାରତ ଦେଶର ଆଞ୍ଚଳିକ ବିବିଧତାକୁ ପରିପ୍ରକାଶ କରୁଛି। ଦେଶର ଜୀବନକୁ ଆଞ୍ଚଳିକ ବ୍ୟବସ୍ଥା ପ୍ରଭାବିତ କରୁଥିବାରୁ ଏହି ବିବିଧତା ଉପରେ ସର୍ବଭାରତୀୟସ୍ତରରେ ଆଲୋଚନା ଜରୁରି ରହିଛି। ଏହି ଗ୍ରନ୍ଥଗୁଡ଼ିକର ବିବିଧତା ଆଞ୍ଚଳିକ ଭାଷା ଓ ସଂସ୍କୃତିର କ୍ରମ ବିକାଶ ଏବଂ ସମୃଦ୍ଧିକୁ ଇଙ୍ଗିତ କରୁଛି। ସଂସ୍କୃତ ମହାଭାରତ ବ୍ୟତିତ ଆଞ୍ଚଳିକ ଭାଷାରେ ମହାଭାରତ ମଧ୍ୟ ଲେଖା ଯାଇଛି। ଏହି ଆଞ୍ଚଳିକ ପୋଥିଗୁଡିକ ମୂଳ ସଂସ୍କୃତ ଭାଷାର ମହାଭାରତ ଗ୍ରନ୍ଥଠାରୁ ସଂପୂର୍ଣ ଭିନ୍ନ। ଏହି ବିବିଧତାର ବିତର୍କ ଏବଂ ରେକର୍ଡ ହେବା ମଧ୍ୟ ଆଗାମୀ ପିଢ଼ି ପାଇଁ ଜରୁରି। ବିଭିନ୍ନ ଆଞ୍ଚଳିକ ଭାଷାରେ ରଚିତ ମହାଭାରତ ଗ୍ରନ୍ଥର ପୁସ୍ତକ, ପାଣ୍ଡୁଲିପିଗୁଡିକ ଉପରେ ବର୍ତ୍ତମାନ ସୁଦ୍ଧା ତର୍ଜମା ତଥା ଗବେଷଣା ହୋଇ ନାହିଁ। ମ୍ୟୁଜିୟମ କିମ୍ବା ବ୍ୟକ୍ତି ବିଶେଷଙ୍କ ପାଖରେ ରହିଥିବା ଏହି ଗ୍ରନ୍ଥ ସମୂହର ସବିଶେଷ ଅନୁଧ୍ୟାନ କରିବାକୁ ଏଠାରେ ଅନୁଷ୍ଠିତ ଏକ ସର୍ବଭାରତୀୟ ଆଲୋଚନାଚକ୍ରରେ ବିଶେଷଜ୍ଞ, ଭାଷାବିତ୍ ତଥା ଗବେଷକମାନେ ମତ ଦେଇଛନ୍ତି।



ଏହି ଲକ୍ଷ୍ୟ ହାସଲ ପାଇଁ ପୁରୀସ୍ଥ ପାନ୍ଥ ନିବାସ ଠାରେ କେନ୍ଦ୍ର ସରକାରଙ୍କ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ କଳା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସଂଯୋଜନାରେ ଆୟୋଜିତ ମହାଭାରତର ଆଞ୍ଚଳିକ ବିବିଧତା ଶୀର୍ଷକ ଏକ ସର୍ବଭାରତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ପୂର୍ବଭାରତର ବିଭିନ୍ନ ରାଜ୍ୟ ତଥା ବଂଗଳାଦେଶରେ ରଚିତ ମହାଭାରତର ବିବିଧତା ଉପରେ ବିଶେଷ ଆଲୋଚନା ହୋଇଥିଲା। କଳାକେନ୍ଦ୍ରର କ୍ଷେତ୍ରୀୟ ବ୍ୟବସ୍ଥାପକ ଡା ରମାକର ପଣ୍ଡା କହିଥିଲେ ଆଞ୍ଚଳିକ ଭାଷାରେ ରଚିତ ମହାଭାରତ ସଂସ୍କୃତ ଭାଷାରେ ଲିଖିତ ମହାଭାରତ ତୁଳନାରେ କିଭଳି ଭିନ୍ନ। ଏସଂପର୍କରେ ଅଗଷ୍ଟ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ତିନି ଦିନିଆ କର୍ମଶାଳାରେ ବିଶେଷଜ୍ଞମାନେ ବିତର୍କ କରିବା ସହ ନିଜ ନିଜର ନିବନ୍ଧ ଉପସ୍ଥାପନ କରିଥିଲେ। ସେ କହିଥିଲେ ଆଂଚଳିକ ଭାଷାରେ ଲିଖିତ ଗ୍ରନ୍ଥ, ଏହାକୁ ନେଇ ପ୍ରଚଳିତ ନାଟ୍ୟନାଟିକା, ତଥା କଥିତ ପରମ୍ପରାର ବିବିଧତାକୁ ପରିପ୍ରକାଶ କରିବା ଏବଂ ରେକର୍ଡ କରିବା କର୍ମଶାଳାର ମୂଳ ଲକ୍ଷ୍ୟ। ଆଞ୍ଚଳିକ ମହାଭାରତର ଶକ୍ତି ଓ ଦୁର୍ବଳତା ଉପରେ ଆଲୋଚନା ହେବ।

## ଅଧିକ ତର୍ଜମା ଉପରେ ବକ୍ତାଙ୍କ ଗୁରୁତ୍ୱାରୋପ

ବିଶେଷ କରି ପୂର୍ବ ଭାରତର ଓଡ଼ିଆ, ମୈଥିଳି, ଛତିଶଗଡୀ, ବଂଗଳା ଆଦି ଭାଷାରେ ରଚିତ ମହାଭାରତ ସଂସ୍କୃତରେ ରଚିତ କଥା ବସ୍ତୁ ଏବଂ ବ୍ୟାସକୃତ ସଂସ୍କୃତ ଭାଷାର ମହାଭାରତ ମଧ୍ୟରେ ରହିଥିବା ବିଭିନ୍ନତା, ଭିନ୍ନ ବିଚାର ସଂପର୍କରେ କର୍ମଶାଳା ବିତର୍କରେ ଗୁରୁତ୍ୱ ଦିଆଯାଇଥିଲା।

କର୍ମଶାଳାର ଉଦଘାଟନୀ ଦିବସରେ ରାଜ୍ୟ ସରକାରଙ୍କ ପ୍ରତିନିଧି ରୂପେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ ହରିହର ମିଶ୍ର ଉଦଘାଟନୀ ଅଭିଭାଷଣରେ ପୂର୍ବଭାରତର ମହାଭାରତ ପରମ୍ପରାର ବୈଶିଷ୍ଟ୍ୟଗୁଡିକୁ ଉପସ୍ଥାପନ କରିଥିଲେ। କର୍ମଶାଳାର ସଂଗଠନ ଏବଂ ପ୍ରତ୍ୟାଶିତ ଫଳାଫଳ ଉପରେ ଡ ମହେନ୍ଦ୍ର ମିଶ୍ର କର୍ମଶାଳାରେ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଡ ଭାଗ୍ୟଲିପି ମଲ୍ଲ (ରାଜ୍ୟ ସଂଗ୍ରହାଳୟ), ଡ ସୁଦର୍ଶନ ଆଚାର୍ଯ୍ୟ, ଡ ଦେବେନ୍ଦ୍ର କୁମାର ଦାସ, ଡ ଉଦୟ ନାଥ ସାହୁ (କେନ୍ଦୁଝର), ଡ ଶୁଭେନ୍ଦୁ ମୁଣ୍ଡ, ଡ ନଟବର ଶତପଥୀ, ଡ କାହ୍ନୁ ପଟ୍ଟନାୟକ, ଡ ମହେନ୍ଦ୍ର ମିଶ୍ର ଓଡ଼ିଶାରେ ମହାଭାରତ କଥାବସ୍ତୁର ବୈଶିଷ୍ଟ୍ୟ ସଂପର୍କରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। କର୍ମଶାଳାରେ ବଙ୍ଗଳାରୁ ଡ ଇନ୍ଦ୍ରାଣୀ ଆଚାର୍ଯ୍ୟ, ଡା ମକବୁଲ ଇସଲାମ, ବଂଗଳା ଦେଶରୁ ଡ ସାକର ମୁସଫା ପ୍ରମୁଖ କାଶୀଦାସ ଓ ସଂଜୟଙ୍କ ରଚିତ ମହାଭାରତ ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଛତିଶଗଡରୁ ପ୍ରଫେସର ଚିତରଂଜନ କର, ମିଥିଳାର ପ୍ରଫେ. ଡ ସଂଜୀବ ମିଶ୍ର, ଛତିଶଗଡୀ ମହାଭାରତ ଓ ଆସାମୀ ଉପରେ ପ୍ରବନ୍ଧ ପାଠ କରିଥିଲେ। ବ୍ୟାସକୃତ ମହାଭାରତ ତୁଳନାରେ ପୂର୍ବଭାରତୀୟ ମହାଭାରତ ଗ୍ରନ୍ଥଗୁଡିକ କିଭଳି ସ୍ଥାନୀୟ ଜନଜୀବନ ଓ ସଂସ୍କୃତିକ ପ୍ରସଙ୍ଗକୁ ଗ୍ରହଣ କରିଛନ୍ତି ଏବଂ ଏହା କିପରି ମୂଳ ସଂସ୍କୃତି ମହାଭାରତ ଠାରୁ ଭିନ୍ନ, ସ୍ୱତନ୍ତ୍ର, ଓ ଅନନ୍ୟ ସେ ନେଇ କର୍ମଶାଳାରେ ବିଶେଷଜ୍ଞମାନେ ମତାମତ ଉପସ୍ଥାପନ କରିଥିଲେ।

ବିଶେଷ କରି ଓଡ଼ିଶାର ସାରଳା ମହାଭାରତ ବ୍ୟତୀତ ରାଜ୍ୟ ସଂଗ୍ରହାଳୟରେ ଆହୁରି ଆଠ ଜଣ କବିଙ୍କ ମହାଭାରତ ପୋଥି ରହିଛି। ଏହି ଗ୍ରନ୍ଥଗୁଡିକ ସଂପର୍କରେ ଅଧିକ ଆଲୋଚନା ଆବଶ୍ୟକ ବୋଲି କର୍ମଶାଳାରେ ମତ ମିଳିଥିଲା। କୃଷ୍ଣସିଂହ ମହାଭାରତ, ବିଚିତ୍ର ମହାଭାରତ, ଚିତ୍ରାଂଶୁ ଭାରତ, କୋଷଲୀ ମହାଭାରତ ଉପରେ ସବିଶେଷ ଜରୁରି ଥିବା କର୍ମଶାଳା ମତ ଦେଇଥିଲା। ବଂଗଳାର ତିନି ଗୋଟି ମହାଭାରତ ଓ ମିଥିଳାର ତିନି ଗୋଟି ମହାଭାରତ ଉପରେ ମଧ୍ୟ ଅଧିକ ଆଲୋଚନା ତଥା ଅନୁଧ୍ୟାନ ଆବଶ୍ୟକ ଥିବା ବିଶେଷଜ୍ଞମାନେ ମତ ଦେଇଥିଲେ। କର୍ମଶାଳାରେ ଉପସ୍ଥାପନ ହୋଇଥିବା ପ୍ରବନ୍ଧଗୁଡିକୁ ସଂକଳନରେ ପୁସ୍ତକ ଆକାରରେ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ କଳାକେନ୍ଦ୍ର ପ୍ରକାଶ କରିବ ବୋଲି ସୂଚନା ଦିଆଯାଇଥିଲା। କର୍ମଶାଳା ପରିଚାଳନା କରିଥିଲେ ବାସୁଦେବ ସେନାପତି।

# ଓଡ଼ିଶାରେ ରହିଛି ମହାଭାରତର ଜୀବନ୍ତ ଐତିହ୍ୟ

ପୁରୀ, ୨ ୯।୮ (ନି.ପ୍ର): ଓଡ଼ିଶାରେ ରହିଛି ମହାଭାରତର ଜୀବନ୍ତ ଐତିହ୍ୟ । ଶିଶୁପାଳଗଡ ଓ ବିରାଟଗଡ ଏହାର ଜ୍ୱଳନ୍ତ ପ୍ରମାଣ । ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳରେ ଭାରତଲୀଳା ନାଟକ ଲୋକପ୍ରିୟତା ଅର୍ଜନ କରିଛି । ମହାଭାରତର ଦ୍ୟୁତକ୍ରୀଡ଼ାରେ ବ୍ୟବହୃତ ଗଞ୍ଜାପା କାର୍ଡ ଏବେ ପୁରୀ, ଗଞ୍ଜାମ ଓ ଭବାନୀପାଟଣାରେ ବ୍ୟବହାର କରାଯାଉଛି । ଏହାଛଡା ପାଲା, ଦାସକାଠିଆ ଏବଂ ଯାତ୍ରାରେ ମହାଭାରତ ବଞ୍ଚି ରହିଛି । ଇନ୍ଦିରାଗାନ୍ଧି ରାଷ୍ଟ୍ରୀୟ କଳାକେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୁଧବାର ପାନ୍ଥନିବାସରେ ଅନୁଷ୍ଠିତ 'ମହାଭାରତର ଆଞ୍ଚଳିକ ବିବିଧତା' କର୍ମଶାଳାରେ ଗବେଷକମାନେ ଏପରି ତଥ୍ୟ ରଖିଛନ୍ତି । ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ତାହାକୁ ଉଦ୍‌ଘାଟନ କରିଥିଲେ । ସେ କହିଲେ ସାରଳା ଦାସଙ୍କ ରଚିତ ଓଡ଼ିଆ ମହାଭାରତ ଜନସାଧାରଣଙ୍କୁ ପ୍ରଭାବିତ କରିଛି । ଡଃ ରମାକର ପଣ୍ଡା କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ । ସେ କହିଲେ ବିଭିନ୍ନ ଆଞ୍ଚଳିକ ଭାଷାରେ ପ୍ରକାଶିତ ମହାଭାରତରେ ବିଭିନ୍ନତା ରହିଛି । ଏ ସମ୍ପର୍କରେ ସଠିକ ତଥ୍ୟ ସଂଗ୍ରହ ପରେ ଇନ୍ଦିରା ଗାନ୍ଧି ରାଷ୍ଟ୍ରୀୟ କଳାକେନ୍ଦ୍ର ପକ୍ଷରୁ ହିନ୍ଦୀ ଓ ଇଂରାଜୀ ଭାଷାରେ ମହାଭାରତ ପୁସ୍ତକ ପ୍ରକାଶ କରାଯିବ । ତେଣୁ ମହାଭାରତକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ରହିଥିବା ପ୍ରାମାଣିକ ଗ୍ରନ୍ଥ, ତାଳପତ୍ରପୋଥି, ପ୍ରାଚୀନ ଐତିହ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି । ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ବାଙ୍ଗଲାଦେଶର ଶିକ୍ଷାବିତ ଓ ଗବେଷକ କର୍ମଶାଳାରେ ପ୍ରବନ୍ଧପାଠ କରିଥିଲେ । ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପ୍ରଫେସର ଉଦୟନାଥ ସାହୁ, ବିଶିଷ୍ଟ ଶିକ୍ଷାବିତ ଶୁଭେନ୍ଦୁ ମୁଣ୍ଡ, ଡଃ ଦେବେନ୍ଦ୍ର କୁମାର ଦାସ, ଡଃ ସୁଦର୍ଶନ ଆଚାର୍ଯ୍ୟ, ଡଃ ନଟବର ଶତପଥୀ, ଡଃ ବାବାଜୀ ପଟ୍ଟନାୟକ, ଡଃ ଭାଗ୍ୟଲିପି ମଲ୍ଲ ଏବଂ ଡଃ ମହେନ୍ଦ୍ର କୁମାର ମିଶ୍ର ଆଲୋଚନାରେ ଅଂଶଗ୍ରହଣ



କରି ଓଡ଼ିଶାରେ ରହିଥିବା ମହାଭାରତର ଜୀବନ୍ତ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ମୈଥିଳି ଭାଷାରେ ବିହାର ଓ ଛତିଶଗଡରେ ପ୍ରକାଶିତ ମହାଭାରତ କାହାଣୀ ପୁସ୍ତକ ସମ୍ପର୍କରେ ପ୍ରଫେସର ଚିତ୍ତରଞ୍ଜନ କର, ପିସିଲାଲ ଯାଦବ, ସଞ୍ଜୀବ କୁମାର ତିୱାରୀ, ଡଃ ଦେବଶଙ୍କର ନବୀନ ଓ ରମାନାଥ ଝା ମତ ରଖିଥିଲେ । ବଙ୍ଗଳା ଭାଷାରେ କାଶୀରାମ ଦାସ ଓ କବି ସଞ୍ଜୟଙ୍କ ଦ୍ୱାରା ପ୍ରକାଶିତ ମହାଭାରତ ବିଷୟବସ୍ତୁ ଉପରେ ଡଃ ଇନ୍ଦ୍ରନୀଳ ଆଚାର୍ଯ୍ୟ, ଡଃ ମକବୁଲ ଇସ୍‌ଲାମ ତଥ୍ୟ ପ୍ରଦାନ କରିଥିଲେ । ବାଂଲାଦେଶରୁ ଆସିଥିବା ଡଃ ସାକାର ମୁସ୍ତାଫାଙ୍କ ଭିତ୍ତିପ୍ରବନ୍ଧ ତଥ୍ୟ ସମ୍ବଳିତ ହୋଇଥିଲା । ଡଃ ମହେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସେଥିରେ ସହଯୋଗ କରିଥିଲେ ।

■ ମହାଭାରତର ଆଞ୍ଚଳିକ ବିବିଧତା ଶୀର୍ଷକ କର୍ମଶାଳା

# ପୂର୍ବ ଭାରତର ମହାଭାରତ ସ୍ୱତନ୍ତ୍ର ଓ ଅନନ୍ୟ

**ପୁରୀ ଅଫିସ,୨୯।୮:**

ସ୍ଥାନୀୟ ପାନ୍ଥନିବାସରେ ଚାଲିଥିବା ତିନିଦିନିଆ ମହାଭାରତର ଆଞ୍ଚଳିକ ବିବିଧତା ଶୀର୍ଷକ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ କଳାକେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଏଥିରେ ପୂର୍ବଭାରତ (ଓଡ଼ିଆ, ମୈଥିଳୀ, ଛତିଶଗଡ଼ୀ ଓ ବଙ୍ଗଳା ଭାଷାରେ ଲିଖିତ) ମହାଭାରତର କଥାବସ୍ତୁ ବ୍ୟାସଙ୍କ କୃତ ସଂସ୍କୃତ ମହାଭାରତଠାରୁ କିପରି ଓ କାହିଁକି ସ୍ୱତନ୍ତ୍ର ଏବଂ ଅନନ୍ୟ ଏହି ପ୍ରସଙ୍ଗକୁ ନେଇ ବିଶିଷ୍ଟ ଗବେଷକ ଏବଂ ଆଲୋଚକ ନିଜ ନିଜ ପ୍ରବନ୍ଧ ଉପସ୍ଥାପିତ କରିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର କର୍ମଶାଳାକୁ ଉଦ୍‌ଘାଟନ କରି ଓଡ଼ିଶା ତଥା ପୂର୍ବଭାରତର ମହାଭାରତ ପରମ୍ପରାର ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ। ପ୍ରଫେସର ଅଭିନ୍ନ ଚନ୍ଦ୍ର ସାହୁ ମହାଭାରତରେ ଆଞ୍ଚଳିକ ବିବିଧତା ଉପରେ ଆଲୋକପାତ କରି ନିଜ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ କଳାକେନ୍ଦ୍ରର ଡ. ରମାକର ପନ୍ଥ ସଭାପତିତ୍ୱ କରି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। କର୍ମଶାଳାର ସଂରଚନା ଓ ପ୍ରତ୍ୟାଶିତ



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଫଳାଫଳ ଉପରେ ଡ. ମହେନ୍ଦ୍ର କୁମାର ମିଶ୍ର ବକ୍ତବ୍ୟ ରଖିଥିଲେ।

ଏଥିରେ ଓଡ଼ିଶାରୁ ଡ. ଦେବେନ୍ଦ୍ର କୁମାର ଦାସ, ଡ. ଉଦୟନାଥ ସାହୁ (ଜେଏନ୍‌ୟୁ), ଡ. ଶୁଭେନ୍ଦୁ ମୁଣ୍ଡ, ଡ. ନଟବର ଶତପଥୀ, ଡ. ବାବାଜୀ ପଟ୍ଟନାୟକ, ଡ. ଭାଗ୍ୟଲିପି ମଲ୍ଲ (ରାଜ୍ୟ ସଂଗ୍ରହାଳୟ) ଓ ଡ. ମହେନ୍ଦ୍ର ମିଶ୍ର ଓଡ଼ିଶାରେ ମହାଭାରତ କଥାବସ୍ତୁର ବୈଶିଷ୍ଟ୍ୟ ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। କାଶୀରାମ ଦାସ ଓ କବି ସଞ୍ଜୟଙ୍କ ଲିଖିତ ମହାଭାରତ ଉପରେ ବଙ୍ଗଳାରୁ ଡ. ଇନ୍ଦ୍ରନୀଳ ଆଚାର୍ଯ୍ୟ, ଡ. ମକବୁଲ ଇସାଲମ୍ ଓ ବାଂଲାଦେଶରୁ ଡ. ସାକାର ସୁସ୍ତାଫା ପ୍ରବନ୍ଧ ପାଠ କରିଥିଲେ। ଛତିଶଗଡ଼ରୁ ପ୍ରଫେସର ଚିତ୍ତରଞ୍ଜନ କର, ପିସିଲାଲ୍ ଯାଦବ ଓ ସଞ୍ଜୀବ ତିୱାରୀ ଛତିଶଗଡ଼ୀ ମହାଭାରତ ଉପରେ ପ୍ରବନ୍ଧ ପାଠ କରିଥିଲେ। ମିଥିଳାରୁ ଡ. ଦେବଶଙ୍କର ନବୀନ ଓ ଡ. ରମାନାଥ ଝା ମିଥିଳା ମହାଭାରତ ଉପରେ ପ୍ରବନ୍ଧ ପାଠ କରିଥିଲେ।

ବ୍ୟାସ ମହାଭାରତ ତୁଳନାରେ ପୂର୍ବଭାରତୀୟ ମହାଭାରତ କାହିଁକି ସ୍ଥାନୀୟ କଥାବସ୍ତୁ ଓ ସାଂସ୍କୃତିକ ପ୍ରସଙ୍ଗକୁ ନେଇ ପରିପୁଷ୍ଟ ଓ ଏହା କିପରି ସଂସ୍କୃତ ମହାଭାରତଠାରୁ ସ୍ୱତନ୍ତ୍ର ଓ ଅନନ୍ୟ ତାହା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବିଶେଷକରି ଓଡ଼ିଶାର ସାରଳା ମହାଭାରତ ବ୍ୟତୀତ ରାଜ୍ୟ ସଂଗ୍ରହାଳୟରେ ଆହୁରି ୮ ଜଣ କବିଙ୍କ ମହାଭାରତ ପୋଥି ସମ୍ପର୍କରେ ଆଲୋଚନା ହେବାର ଆବଶ୍ୟକତା ରହିଛି ବୋଲି କର୍ମଶାଳାରେ ଯୋଗଦେଇଥିବା ପ୍ରାବନ୍ଧିକମାନେ ଅନୁଭବ କରିଥିଲେ।

କର୍ମଶାଳା ସମ୍ପର୍କରେ ଜେଏନ୍‌ୟୁର ପ୍ରଫେସର ଡ. ସାହୁ କହିଥିଲେ, ମହାଭାରତ ଏକ ଜାତୀୟ କାବ୍ୟ। ଆଞ୍ଚଳିକ ଭିତ୍ତିରେ ମହାଭାରତର ରୂପ ଭିନ୍ନ ଭିନ୍ନ ଦେଖିବାକୁ ମିଳିଥାଏ। ଚରିତ୍ର ତଥା କଥାରେ ଏହାର ବହୁ ସାମଞ୍ଜସ୍ୟ ଓ ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ଓଡ଼ିଆ ମହାଭାରତ ଯଥା ଶାରଳା ଦାସଙ୍କ କୃତ ମହାଭାରତ, ଜଗବନ୍ଧୁ ସିଂଙ୍କ ମହାଭାରତ ଆଦି ମହାଭାରତ ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା। ମୈଥିଳୀ(ବିହାର) ଓ ଛତିଶଗଡ଼ରେ ସମ୍ପୂର୍ଣ୍ଣ ମହାଭାରତ ରଚିତ ହୋଇଥିଲେ ମଧ୍ୟ ମହାଭାରତକୁ ଆଧାରକରି ବହୁ ସାହିତ୍ୟ କୃତି ଯଥା କାବ୍ୟ, ନାଟକ ଓ ଗଳ୍ପ ଦେଖିବାକୁ ମିଳିଥାଏ। ବାଂଲାଦେଶରେ ମଧ୍ୟ ମହାଭାରତ କଥାବସ୍ତୁକୁ ନେଇ ବହୁ ଗ୍ରନ୍ଥ ରଚିତ ହୋଇଛି ବୋଲି କର୍ମଶାଳାରେ ଆଲୋଚନା ହୋଇଥିଲା। କର୍ମଶାଳାରେ ପାଠ କରାଯାଇଥିବା ପ୍ରବନ୍ଧକୁ ନେଇ ଇଂଲିଶ ଓ ହିନ୍ଦୀରେ ଦୁଇଟି ପୁସ୍ତକ ପ୍ରକାଶିତ ହେବ ବୋଲି ଡ. ସାହୁ ସୂଚନା ଦେଇଥିଲେ। ଡ. ମହେନ୍ଦ୍ର କୁମାର ମିଶ୍ର କର୍ମଶାଳାର ପରିକଳ୍ପନା କରିଥିବାବେଳେ ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ଏହାକୁ ପରିଚାଳନା କରିଥିଲେ।

# 'ମହାଭାରତରେ ଆଞ୍ଚଳିକ ବିବିଧତା' ଶୀର୍ଷକ କର୍ମଶାଳା

